

## ଓଲଟିଲା ଚାଉଳ ବୋଝେଇ ଟ୍ରକ୍

**ପଦ୍ମପୁର,(ଡି.ଏନ.ଏ.):**-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଣୀତାଲ-ବ୍ରାହ୍ମଣୀ ଗାଁ ରାସ୍ତାପାର୍ଶ୍ୱରେ ଭାରସାମ୍ୟ ହରାଇ ଏକ ଚାଉଳ ବୋଝେଇ ଟ୍ରକ୍ ଶନିବାର ଅପରାହ୍ଣରେ ଓଲଟି ପଡ଼ିଥିଲା। ଗାଡ଼ିଟି କୁଆଁସରୁ ୨୯୦ ବସ୍ତା ଚାଉଳ ଆଣି ବ୍ରାହ୍ମଣୀ ଗାଁ ଓୟାର ହାଉସକୁ ଆସୁଥିଲା। ରାସ୍ତାପାର୍ଶ୍ୱ ନାଳକୁ ଓଲଟି ପଡ଼ିବାରୁ ସମସ୍ତ ଚାଉଳ ପାଣିରେ ପଡ଼ି ଭିଜି ଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ରେ ଆସିଥିବା ଚାଉଳ ସରକାରୀ ଚାଉଳ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ‘ୟାସ୍’ ପ୍ରଭାବିତ ପ୍ରବାସୀଙ୍କୁ ସହାୟତା

**ଢେଙ୍କିକୋଟ, ୨୯।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟର ସାମାଜିକ କର୍ମୀ ସେକ ଇମ୍ରାନ ‘ୟାସ’ ପ୍ରଭାବିତ ପ୍ରବାସୀଙ୍କୁ ସହାୟତା କରିଛନ୍ତି। ୩ ଦିନ ଧରି ବର୍ଷା ପବନ ହେବା ଯୋଗୁ କୁଲାଡେରା ଗ୍ରାମରେ ଝାଟି ମାଟି ଘରେ ଥିବା ଜୁଆଙ୍ଗ ବସ୍ତିକୁ ଯାଇ ବିସ୍କୁଟ, ଚୁଡ଼ା, ଚିନି, ଚାଉଳ ଅଟା ଆଦି ବାଣ୍ଟିଛନ୍ତି। ସେହିପରି ପାଟଣା ବ୍ଲକ ପ୍ରଶାସନ ରାତି ଅଧିଆ ମଲାପଶି ଛକରୁ ଠେଙ୍ଗାବାଡି ଧରି ପ୍ରବାସୀଙ୍କୁ ତଡିଦେବା ପରେ ସେକ୍ ଇମ୍ରାନ ସେମାନଙ୍କୁ ନେଇ ବାଙ୍କପାଟୁଳି ବିଦ୍ୟାଳୟରେ ଥଇଥାନ କରି ରାତାରାତି ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ।

### କରୋନା ଆକ୍ରାନ୍ତ ଖବରଦାତାଙ୍କ ପରଲୋକ

**ବାରିପଦା ଅଫିସ/ ଠାକୁରମୁଣ୍ଡା,୨୯।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ଖବରଦାତା ଅସିତ କୁମାର ବେହେରାଙ୍କ ଶନିବାର ସକାଳେ କରୋନା ସଂକ୍ରମଣ କାରଣରୁ ପରଲୋକ ଘଟିଛି। ବୈଦ୍ୟୁତିକ ଗଣମାଧମରେ କାର୍ଯ୍ୟ କରୁଥିବା ଅସିତ ବାରିପଦା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କରଞ୍ଜିଆ ଉପଖଣ୍ଡରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ଠାକୁରମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ୱର୍ଗତ ବେହେରାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସାରସକଣା, ୨୯।୫:** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଡାହିସାହି ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କାଶୀନାଥ ନାଏକ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ଯୁବକ କଲେ ରାସ୍ତା ସଫେଇ

**ରାଇବଣିଆ,୨୯।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନଛିମପୁର ପଞ୍ଚାୟତର ଆର୍‌ଡ଼ି ରୋଡ୍ ମୁଖ୍ୟ ରାସ୍ତା (ଆମ୍ବୁଲିଅଠା-ନଛିମପୁର ପଞ୍ଚାୟତ ରାସ୍ତା) ଉପରେ ବାତ୍ୟା ଯୋଗୁ ମାଟି କାଦୁଅ ଜମିବା ସହ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ି ରହିଥିଲା। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଲୋକେ ସରପଞ୍ଚଙ୍କୁ ଜଣାଇଥିଲେ ହେଁ କୌଣସି ଫଳପ୍ରଦ ହୋଇନଥିଲା। ଫଳରେ ଜଳେଶ୍ୱର ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ନଛିମପୁର ପଞ୍ଚାୟତର ସ୍ୱେଚ୍ଛାସେବୀ ବିଜୁବାହିନୀ ସଙ୍ଗଠନ ଯୁବକମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଆମ୍ବୁଲିଅଠା ମୁଖ୍ୟ ରାସ୍ତାରୁ ନଛିମପୁର ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ କରିଥିଲେ। ରାଜେଶ ଜେନା, ସପନ କୁମାର ଜେନା, ମଧୁସୂଦନ ସିଂ, ହେମନ୍ତ ସିଂହ ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟ କରିଥିଲେ।

# ଭଦ୍ରକରେ ୧୫,୦୬,୩୩୭ ଲୋକ କ୍ଷତିଗ୍ରସ୍ତ

- ସମୀକ୍ଷା କଲେ ଖାଦ୍ୟଯୋଗାଣ ମନ୍ତ୍ରୀ
- ଜୁନ ୨ ସୁଦ୍ଧା ଠିକ୍ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭଦ୍ରକ ଅଫିସ, ୨୯।୫**

ବାତ୍ୟା ‘ୟାସ୍’ ପ୍ରଭାବରେ ଭଦ୍ରକ ଜିଲାରେ ହୋଇଥିବା କ୍ଷୟକ୍ଷତି ନେଇ ଶନିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମୀକ୍ଷା କରିଛନ୍ତି। ଏହାବ୍ୟତୀତ କ୍ଷୟକ୍ଷତିର ଆକଳନ, ରିଲିଫ୍ ଓ ପୁନରଉଦ୍ଧାର କାର୍ଯ୍ୟ କିଭଳି କରାଯାଉଛି ତାହାର ସମୀକ୍ଷା କରି ସେ ଫେରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁ ସେଠୀ, ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବାତ୍ୟାରେ ଜିଲାର ୭ଟି ବ୍ଲକର ୨୧୮ ପଞ୍ଚାୟତ ଓ ୪ ସହରର ୭୯ ୱାର୍ଡ଼ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ଏଥିରେ ୧୫ ଲକ୍ଷ ୬ ହଜାର ୩୩୭ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ୨୫୨ ହେକ୍ଟର ଚାଷଜମି ସମୁଦ୍ର ଜୁଆର ଓ ବର୍ଷାଜଳ ମାଡ଼ି ରହିବା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ୭୭୪ ହେକ୍ଟର ଜମିରେ ପନିପରିବା, ମୁଗ, ବିରି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୨୦ ଗୋରୁ, ଗାଈ, ଛେଳିଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ୮୧ଟି ଗାଁ ଜଳମଗ୍ନ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନ କରି ମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା।

ତେବେ ପାଣି କମିଲେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯିବ। ସେହିପରି ଏହି ବାତ୍ୟାରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ କଚ୍ଚାଘର ନଷ୍ଟ ହୋଇଥିବା ପ୍ରାଥମିକ ଆକଳନ କରାଯାଇ ମନ୍ତ୍ରୀଙ୍କୁ ଜଣାଯାଇଛି। ବାତ୍ୟା ପରେ ବିଶେଷ କରି ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ଯୁଦ୍ଧକାଳୀନ ଭିତ୍ତିରେ କିପରି କରାଯିବ ସେଥିପାଇଁ ୨୧ଟି ଟିମ୍ କାର୍ଯ୍ୟ କରୁଥିବା ନେସ୍କୋ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରକୃତ ସ୍ଥିତି ଦେଖି ଠିକ୍ ଆକଳନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୨ ତାରିଖ ସୁଦ୍ଧା ଠିକ୍ ରିପୋର୍ଟ ଏସ୍‌ଆର୍‌ସିଙ୍କୁ ପଠାଇବା ପାଇଁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ, ଜଳ ଯୋଗାଣ ବିଭାଗ ଆଦି କାର୍ଯ୍ୟ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ।



ସମୀକ୍ଷା ବୈଠକରେ ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟ ଅଧିକାରୀ।

# ବାତ୍ୟାରେ ୩୦୫୧ ଗାଁ ପ୍ରଭାବିତ

**ବାଲେଶ୍ୱର ଜିଲା ପ୍ରଶାସନର ପ୍ରାଥମିକ ରିପୋର୍ଟ**

**ବାଲେଶ୍ୱର ଅଫିସ,୨୯।୫**

ବାଲେଶ୍ୱର ଜିଲାରେ ବାତ୍ୟା ପ୍ରଭାବରେ ୩୫୨ ପଞ୍ଚାୟତର ୩ ହଜାର ୫୧ ଗାଁ ପ୍ରଭାବିତ ହୋଇଥିବା ବେଳେ ୧ ଲକ୍ଷ ୮୯ ହଜାର ୯୮୩ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ୪ ହଜାର ୬୬୩ କଚ୍ଚାଘର ନଷ୍ଟ ହୋଇଛି। ସମୁଦ୍ର ଲୁଣାପାଣି ମାଡ଼ି ହଜାର ହଜାର ଏକର ଚାଷଜମି ନଷ୍ଟ ହୋଇଛି। ଅନ୍ୟପକ୍ଷେ ବାଲେଶ୍ୱର, ସୋର, ଜଳେଶ୍ୱର ପୌରାଞ୍ଚଳ ଏବଂ ନୀଳଗିରି ଏନ୍‌ଏସିରେ ୬୪ ୱାର୍ଡ଼ ମଧ୍ୟ ଏହି ବାତ୍ୟାରେ ପ୍ରଭାବିତ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଜିଲାରେ କ୍ଷତିଗ୍ରସ୍ତ ମୋଟ ୪ ହଜାର ୬୬୩ କଚ୍ଚାଘର ମଧ୍ୟରୁ ୪୬ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪ ହଜାର ୬୧୭ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଭୋଗରାଇ ବ୍ଲକରେ ୪୨୨, ଜଳେଶ୍ୱରରେ ୧୧୨, ବାଲିଆପାଳରେ ୪୬୯, ବସ୍ତାରେ ୧୦୭, ବାଲେଶ୍ୱର ସହରରେ ୩୯୨, ରେମୁଣାରେ ୩୦୦, ବାହାନଗାରେ ୨୮୦, ସୋରରେ ୧୦୯୫, ସିମୁଳିଆରେ ୩୦୫, ଖଇରାରେ ୭୦୨, ନୀଳଗିରିରେ ୨୩୮ ଏବଂ ଔପଦାରେ ୧୯୫ଟି କଚ୍ଚାଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ରେମୁଣାରେ ୩୩, ସୋରରେ ୧୨ ଓ ଖଇରାରେ ଗୋଟିଏ କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ୩୩୩ଟି ଗୁହାଳ ଘର ମଧ୍ୟ ନଷ୍ଟ ହୋଇଛି। କ୍ଷୟକ୍ଷତିର ପରିମାଣ ୨ କୋଟି ୬ ଲକ୍ଷ ୧୯ ହଜାର ୭୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାତ୍ୟାରେ ୩ଟି ଗାଈ ଓ ୧୬ ହଜାର ୬୫୦ଟି କୁକୁଡ଼ା ମରିଛନ୍ତି। ନେସ୍କୋ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, କୃଷି, ଉଦ୍ୟାନ, ଗ୍ରାମ୍ୟ ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ ସମେତ ବିଭିନ୍ନ ବିଭାଗ ପକ୍ଷରୁ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ଆସିନାହିଁ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସବୁ ବିଭାଗରୁ କ୍ଷୟକ୍ଷତି ସମ୍ପର୍କିତ ତଥ୍ୟ ମିଳିଯିବ। ଏହାପରେ ରାଜ୍ୟ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ଜରୁରୀ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେପଟେ ବାତ୍ୟା ପ୍ରଭାବିତ ସବୁ ବିପନ୍ନଙ୍କ ପାଖରେ ସରକାରୀ ରିଲିଫ୍ ପହଞ୍ଚି ନ ଥିବା ଅଭିଯୋଗ ହେଉଥିବା ବେଳେ ବାତ୍ୟା ବିପନ୍ନଙ୍କୁ ୫ କୁଇଣ୍ଟାଲ ୮୮ କିଲୋ ଚାଉଳ, ୭୧୧ କୁଇଣ୍ଟାଲ ୩୭ କିଲୋ ଚୁଡ଼ା, ୭୪ କୁଇଣ୍ଟାଲ ୬୩ କିଲୋ ଚିନି ଓ ଗୁଡ଼ ବଣ୍ଟନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



ବାତ୍ୟା ୟାସ୍ ପ୍ରଭାବରେ ଭାଙ୍ଗିଯାଇଥିବା ଲୋକଙ୍କ ଘର।

# ବାତ୍ୟା ଅଞ୍ଚଳରେ କଂଗ୍ରେସ ଟାସ୍କଫୋର୍ସ



କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଓ ଅନ୍ୟମାନେ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

**ବାଲେଶ୍ୱର ଅଫିସ,୨୯।୫**

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବାତ୍ୟା ‘ୟାସ୍’ ଦ୍ୱାରା ପ୍ରଭାବିତଙ୍କ ପାଇଁ ଗଠିତ ଟାସ୍କଫୋର୍ସ ବାଲେଶ୍ୱର ଗସ୍ତ କରିଛି। ଟାସ୍କଫୋର୍ସ ସଦସ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଯୋଗେଶ ଅଗ୍ରୱାଲ ଓ ଶମ୍ଭୁ ପାଣିଗ୍ରାହୀ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ପରିଖି ଓ ସାର୍ଥା ପଞ୍ଚାୟତର ଜଳମଗ୍ନ ଅଞ୍ଚଳ ଗସ୍ତ କରି ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା କ୍ଷୟକ୍ଷତି ଆକଳନ କରିବା ସହ ରିଲିଫ୍ ବାଣ୍ଟିଥିଲେ। ଏହି ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଗୋପୀନାଥ ପାଢ଼ୀ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ମମତା କୁଣ୍ଡୁ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, ପରିଖି ସରପଞ୍ଚ କବିତା ପାତ୍ର, କାମରୁଲ ଖାନ, ସଞ୍ଜୀବ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷେ ବାଲିଆପାଳ ବ୍ଲକ ଚଉମୁଖ ପଞ୍ଚାୟତରେ ଶନିବାର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ବାତ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ବାତ୍ୟା ଟାସ୍କଫୋର୍ସ ଟିମ୍‌ର ଆବାହକ ତଥା କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କୁ ଧରି ନିଜେ ସ୍କୁଟି ଚଳାଇ ବାତ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଦୁଃଖ ବୁଝିଥିଲେ। ଏହି ସମୟରେ ପିସିସି ମୁଖପାତ୍ର ସୁଦର୍ଶନ ଦାସ, ସତ୍ୟଶିବ ଦାସ, ବିଜନ ନାୟକ, ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଯେନା ଓ ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଉପସ୍ଥିତ ଥିଲେ।

# ଜହ୍ନେଇ ନାଳ କଲଭର୍ଟ ଧୋଇଗଲା

**ପାଟଣା, ୨୯।୫(ସ୍ୱ. ପ୍ର.)**

ବାତ୍ୟା ‘ୟାସ’ ପ୍ରଭାବରେ କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସାହାରପଡ଼ା ରାସ୍ତା ମଧ୍ୟରେ ଥିବା ଜହ୍ନେଇନାଳ ଉପରେ ଥିବା କଲଭର୍ଟ ବଢି ପାଣିରେ ଧୋଇ ହୋଇଯାଇଛି। ଘାଇ ସୃଷ୍ଟି ହୋଇ ଯାଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ‘ୟାସ’ର ୩ ଦିନ ବିତି ଯାଇଥିଲେ ହେଁ ଘାଇ ମରାମତି ହୋଇ ପାରି ନାହିଁ। ସାହାରପଡ଼ା, ଉଦୟପୁର କରଞ୍ଜିଆ ଆଦି ଅଞ୍ଚଳର ଲୋକ ମାନେ ଏହି ରାସ୍ତା ଉପରେ ନିର୍ଭର କରି କେନ୍ଦୁଝର ଡୁରୁମୁଙ୍ଗା ଯିବା ଆସିବା କରୁଥିବା ବେଳେ ପାଟଣା ବ୍ଲକର ୭ରୁ ୮ ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରି ଉଦୟପୁର,ସାହାରପଡା ଓ କରଞ୍ଜିଆ ଯଇଥାନ୍ତି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ରାସଗୋବିନ୍ଦପୁର,୨୯।୫(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁଜିତ ସେନାପତି।

ପୋଲିସ ସୂଚନା ଅନୁଯାୟୀ, ସୁଜିତଙ୍କ ଦୁଇ ଝିଅଙ୍କୁ ଟିୟୁସନ ପଢ଼ାଇବାକୁ ନାବାଳିକା ଜଣକ ଆସୁଥିଲେ। ଗତ ୨୫ ତାରିଖରେ ଅଭିଯୁକ୍ତ ବଳପୂର୍ବକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏକଥା କାହା ଆଗରେ ନ କହିବା ପାଇଁ ଧମକାଇ ଥିଲେ। ପରେ ନାବାଳିକାଙ୍କ ପରିବାର ବର୍ଗ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨୯/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଛି।

# ରିଲିଫ୍‌ରୁ ବଞ୍ଚିତ ୪ ପଞ୍ଚାୟତବାସୀ

**ଆରଡ଼ି, ୨୯।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଆରଡ଼ି, ନାନ୍ଦପୁର ଏବଂ ଓଲଗ ୪ ପଞ୍ଚାୟତର ବାତ୍ୟା ପ୍ରଭାବିତ ରିଲିଫ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ, ଏହି ବ୍ଲକର ଧାମରା ଅଞ୍ଚଳରେ ଥିବା ୯ଟି ପଞ୍ଚାୟତକୁ ୭ଦିନ ପାଇଁ ରିଲିଫ୍ ମିଳିବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଛି। ପ୍ରକୃତପକ୍ଷେ ଆରଡ଼ି ଅଞ୍ଚଳରେ ବାତ୍ୟା ‘ୟାସ୍’ ଯୋଗୁ ବହୁ କ୍ଷୟକ୍ଷତି ଘଟିଛି। ଘର ଭାଙ୍ଗିବା ସହ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଶତାଧିକ ହେକ୍ଟର ଚାଷଜମିରେ ସମୁଦ୍ର ଜୁଆର ମାଡ଼ିଯିବାରୁ ସଦ୍ୟ ବୁଣା ଯାଇଥିବା ଧାନ ଫସଲ ନଷ୍ଟ ହୋଇଯାଇଛି। ୪ ପଞ୍ଚାୟତର ନଈକୂଳିଆ ମୁଆଁ, ସନ୍ତରା, ଶୀତଳପୁର, ପାଳଟପୁର ଆଦି ଗାଁର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାବ୍ୟତୀତ ସୁନ୍ଦରପୁର, ନାନ୍ଦପୁର, ପାରଡିଆ, ଦୋହରାପାଟଣା, ଓଲଗ, ସାଠିବାଙ୍କୁଡା ଗାଁର ବାତ୍ୟା ଆଶ୍ରୟସ୍ଥଳରେ ଥିବା ଲୋକଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା। ବାତ୍ୟାରେ ପ୍ରଭାବିତ ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ପ୍ରଶାସନିକ ସ୍ତରରେ କୁଣ୍ଡା ଯୋଗାଇ ଦିଆଯାଇଥିଲା। ହେଲେ ଏବେ ଏହି ୪ ପଞ୍ଚାୟତର ଲୋକେ କାହିଁକି ରିଲିଫ ପାଇବାରୁ ବଞ୍ଚିତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କୁ ତୁରନ୍ତ ରିଲିଫ ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାଶଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ମାରଣାସ୍ତ୍ର ଛାଡ଼ି ପଳାଇଲେ ୪୦ ଶିକାରୀ

**ବିଶୋଇ,୨୯।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ ହୋଇଛି। ବନବିଭାଗ କର୍ମଚାରୀଙ୍କୁ ଦେଖି ୪୦ ଶିକାରୀ ଚମ୍ପଟ ମାରିଥିବା ବେଳେ ସେମାନେ ଛାଡ଼ି ଯାଇଥିବା ମାରଣାସ୍ତ୍ରକୁ ବନ ବିଭାଗ ଜବତ କରିଛି। ରାଇରଙ୍ଗପୁର ବନ ଉପଖଣ୍ଡ ଅନ୍ତର୍ଗତ ଓଷାଡ଼ଲା ବିଟ୍‌ର ଚାଡ଼ରାପାହାଡ଼ ଜଙ୍ଗଲରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ଓଷାଡ଼ଲା ବିଟ୍‌ର ଭାରପ୍ରାପ୍ତ ବନପାଳ ଚନ୍ଦ୍ରକାନ୍ତ ମହାନ୍ତଙ୍କ ସହିତ ବନରକ୍ଷୀ ସୁନୀଲ ମହାନ୍ତ ଓ ସବୁଜ ବାହିନୀ ସଦସ୍ୟ ନରେନ୍ଦ୍ର ନାଥ ନାଏକ, ମଙ୍ଗଲ ନାଏକ, ଅଗ୍ନି ନିରୀକ୍ଷକ ରାଜେନ୍ଦ୍ର ନାଏକ ପ୍ରମୁଖ ଚାଡ଼ରାପାହାଡ଼ ଅଞ୍ଚଳରୁ ପାଟ୍ରୋଲିଂ ସାରି ଫେରୁଥିଲେ। ଏହି ସମୟରେ ଶିକାର ଉଦ୍ଦେଶ୍ୟରେ ୪୦ରୁ ଊର୍ଦ୍ଧ୍ୱ ଶିକାରୀ ଜଙ୍ଗଲରେ ପ୍ରବେଶ କରିଥିଲେ। ତେବେ ବନବିଭାଗ କର୍ମଚାରୀଙ୍କୁ ଦେଖି ସେମାନେ ସାଙ୍ଗରେ ଆଣିଥିବା ମାରଣାସ୍ତ୍ର ଛାଡ଼ି ପଳାଇ ଯାଇଥିଲେ। ପରେ ବନ କର୍ମଚାରୀମାନେ ଘଟଣାସ୍ଥଳରୁ ୧୧ଟି ଧନୁ, ଶତାଧିକ ତୀର, କୁରାଢ଼ି ଏବଂ କଟୁରି ସମେତ ବହୁ ଧାରୁଆ ଅସ୍ତ୍ର ଜବତ କରି ଅଶନା ଫରେଷ୍ଟ କ୍ୟାମ୍ପକୁ ଆଣିଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।



ଜବତ ହୋଇଥିବା ଶିକାର ସରଞ୍ଜାମ।

# ଜଳଘେରରେ ଥିବା ଲୋକଙ୍କୁ ଭେଟିଲେ ବିଡିଓ

**ପଦ୍ମପୁର,୨୯।୫(ଡି.ଏନ.ଏ.)**

ବାତ୍ୟା ପ୍ରଭାବରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ଏବେ ବି ଜଳଘେରରେ ରହିଛି। ଶନିବାର ପୂର୍ବାହ୍ଣରେ ବିଡିଓ ପ୍ରଣବ କୁମାର ବେହେରା ଜଳଘେରରେ ରହିଥିବା ଲୋକଙ୍କୁ ଭେଟିଥିଲେ। ବିଡିଓଙ୍କ ସହ ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା, ସିଆର୍‌ସିସି ପ୍ରଣୟ କୁମାର ମହାପାତ୍ର ପ୍ରମୁଖ ଲୁଙ୍ଗା ପଞ୍ଚାୟତର ଜଳବନ୍ଦୀ ଥିବା ବଡ଼କିଆରି ଓ ମଉଜୁଡ଼ି ଗ୍ରାମକୁ ଯାଇ ଲୋକଙ୍କ ଅବସ୍ଥା ପଚାରି ବୁଝିଥିଲେ। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ୨ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଥିବାରୁ ଅଧିକାରୀମାନେ ଡଙ୍ଗାରେ ଦୁଇ ଗ୍ରାମକୁ ଯାଇଥିଲେ। ଉଭୟ ଗ୍ରାମରେ ବିଧାୟକଙ୍କ ଦ୍ୱାରା ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ବିଡିଓ ଉଭୟ ଗ୍ରାମର କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ତୁରନ୍ତ ସରକାରୀ ରାଶନ ସାମଗ୍ରୀ ସହ ଗୋଖାଦ୍ୟ ଓ ବ୍ଲିଚିଂ ପଠାଇବାର ବନ୍ଦୋବସ୍ତ କରିଛନ୍ତି। ସିଆର୍‌ସିସି ମହାପାତ୍ର ଓ ବଡ଼କିଆରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମଳିକ ବ୍ୟକ୍ତିଗତ ଭାବେ ୨୦ ବସ୍ତା ଗୋଖାଦ୍ୟ ଗ୍ରାମବାସୀଙ୍କୁ ପ୍ରଦାନ କରିଛନ୍ତି।



ବଡ଼କିଆରି ଗ୍ରାମରେ ବିଡିଓ ପ୍ରଣବ କୁମାର ବେହେରା ଲୋକଙ୍କ ସମସ୍ୟା ବୁଝୁଛନ୍ତି।

# ମରାମତି ହେଉନି ଯୋଡ଼ା-ଜୁରୁଡ଼ି ରାସ୍ତା

- ଆସିପାରୁନି ଆମ୍ବୁଲାନ୍ସ
- ଖଣି ଅଞ୍ଚଳ ସତ୍ତ୍ୱେ ହେଉନି ବିକାଶ

**ଯୋଡ଼ା,୨୯।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା-ଜୁରୁଡି ରାଜ୍ୟ ରାଜପଥ ନଂ.୨ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ପିଡବ୍ଲ୍ୟୁଡି ଦ୍ୱାରା ନିର୍ମାଣ ହେବାକୁ ସ୍ଥିର ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଠିକାଦାର ଏହି କାର୍ଯ୍ୟ କରି ପାରୁନାହାନ୍ତି। ଜୁରୁଡି, ଜଳହରି, ଜଜାଙ୍ଗ, ପଳସା, ବଡକାଳିମାଟି ପ୍ରଭୃତି ପଞ୍ଚାୟତର ପ୍ରାୟ ୨୦ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଜଳହରି ସରପଞ୍ଚ ମିତା ମୁଣ୍ଡା, ଜୁରୁଡି ସରପଞ୍ଚ ସୁଜାତା ହେମ୍ବ୍ରମ, ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକ ପ୍ରମୁଖ କହିଛନ୍ତି ଯେ, କେନ୍ଦୁଝର ଜିଲାପାଳ, ଚମ୍ପୁଆ ବିଧାୟିକା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ଏହି ରାସ୍ତାଟି ମରାମତି ହେଉନାହିଁ। ଫଳରେ ଯୋଡ଼ା ଉପରେ ନର୍ଭର କରୁଥିବା ଅଞ୍ଚଳବାସୀ ବର୍ତ୍ତମାନ ପ୍ରାୟ ୨୫କି.ମି. ଦୂରରେ ଥିବା ଝୁମ୍ପୁରା ଉପରେ ନିର୍ଭର କରୁଛନ୍ତି। ଜୁରୁଡିର ରଞ୍ଜିତ ମହାକୁଡ, ସେର ମହମ୍ମଦ, ମହମ୍ମଦ ଆକବର, ମହିଳା ଲିଲି ପାତ୍ର ପ୍ରମୁଖ କହିଛନ୍ତି, ୧୦ରୁ ଊର୍ଦ୍ଧ୍ୱ ବଡବଡ ଖଣି କମ୍ପାନୀର ସମସ୍ତ ଖଣିଜ ଏହି ରାସ୍ତା ଦେଇ ବିଭିନ୍ନ ରେଳ ସାଇଡିଂ, ରାଜ୍ୟ ତଥା ବାହାର ରାଜ୍ୟର ଇସ୍ପାତ ଶିଳ୍ପାନୁଷ୍ଠାନ ଏବଂ ବିଭିନ୍ନ ବନ୍ଦରକୁ ସଡକ ପଥ ଦେଇ ପରିବହନ ହୋଇଥାଏ। ହେଲେ ଭାରିଯାନଗୁଡିକ ଏହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ବେଳେ ଆମ୍ବୁଲାନ୍ସ, କାର୍, ବାଇକ ପ୍ରଭୃତି ଚଳାଚଳ କରିବା ଅସମ୍ଭବ ହୋଇ ପଡିଛି। ଏହା ସହିତ ଚଳିତ ୟାସ ବାତ୍ୟାର ଲଗାଣ ବର୍ଷାରେ ଏହି ରାସ୍ତା ଆଉ ଚଳପ୍ରଚଳ ଯୋଗ୍ୟ ହୋଇନାହିଁ। ଏ ନେଇ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ କହିଛନ୍ତି, ପିଡବ୍ଲ୍ୟୁଡି ମୁଖ୍ୟଯନ୍ତ୍ରୀଙ୍କ ସହିତ ଅବିଳମ୍ବେ ଆଲୋଚନା କରିବେ। ଏହି କାର୍ଯ୍ୟ ପାଇଥିବା ଠିକା ସଂସ୍ଥାର ଯନ୍ତ୍ରୀ ହିମାଂଶୁ ଚୌଧୁରୀଙ୍କୁ ପଚାରିବାରୁ ସଂରକ୍ଷିତ ଜଙ୍ଗଲ ପାଇଁ କାର୍ଯ୍ୟ ବନ୍ଦ ଅଛି। ବନ ବିଭାଗ ଏହାର ଅନୁମୋଦନ ଦେଲା ପରେ କାର୍ଯ୍ୟ ଆରମ୍ଭ ହେବ। ଖଣି ଅଞ୍ଚଳ ପାଇଁ ହଜାର ହଜାର କୋଟି ଟଙ୍କା ଡିଏମଏଫ ଜିଲା ପ୍ରଶାସନ ପାଖରେ ଥିଲେ ମଧ୍ୟ ପ୍ରଭାବିତ ଅଞ୍ଚଳରେ ବିକାଶ ହେଉନାହିଁ।



ଯୋଡ଼ା-ଜୁରୁଡ଼ି ରାସ୍ତା ଶୋଚନୀୟ ହୋଇପଡ଼ିଛି।

## ବିଦେଶୀ ମଦ ବିକ୍ରି, ଜଣେ ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ଦମାହୁଦା ବଜାରରେ ଶନିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବେଆଇନ ଭାବେ ଚୋରା ବିଦେଶୀ ମଦବିକ୍ରି କରୁଥିବାବେଳେ ପାଟଣା ପୋଲିସ ଗିରଫ କରିଛି। ସେ ହେଲେ ଗୋଜାପଥର ଗ୍ରାମର ଶତ୍ରୁଘ୍ନ ମହାନ୍ତ। ଚଢ଼ାଉରେ ୯୦ ବୋତଲରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ ହୋଇଛି। ଜବତ ମଦ ଗୁଡ଼ିକର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୭୦/୨୧) ରୁଜୁ ହୋଇଛି।

**ସଂକ୍ଷେପରେ**

### ପଥର ବୋଝେଇ ୫ ଡମ୍ଫର ଜବତ

ସୋର,୨୯।୫(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର-ଗୋପୀନାଥପୁର ରାସ୍ତା ମାଣତ୍ରୀଛକଠାରେ ବେଆଇନ ପଥର ବୋଝେଇ ୫ ଡମ୍ଫରକୁ ସୋର ପୋଲିସ ଜବତ କରିଛି। ଥାନା ଆଇଆଇସି ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଚନ୍ଦ୍ରଶେଖର ମହାନ୍ତି ସଦଳବଳେ ଡମ୍ଫରଗୁଡ଼ିକୁ ଯାଞ୍ଚ କରିଥିଲେ। ଏଥିରେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜଣାପଡ଼ିଥିଲା। ଜବତ ଡମ୍ଫରଗୁଡ଼ିକୁ ଥାନା ପରିସରକୁ ଆଣି ପୋଲିସ ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼: ୨ ଗିରଫ

ପାଟଣା, ୨୯।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ବିଦ୍ୟୁତ ସବ୍ଷ୍ଟେସନରେ କାର୍ଯ୍ୟରତ ଜଣେ ଷ୍ଟ୍ରକଚର ଅପରେଟର ଉମେଶ ଚନ୍ଦ୍ର ମହାନ୍ତଙ୍କୁ ମାଡ଼ ମାରିବା ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଶନିବାର ୨ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରବେଡ଼ା ଗ୍ରାମର ମାନସ ବାରିକ ଓ ତାଙ୍କ ସହଯୋଗୀ ଉଦୟପୁର ଗ୍ରାମର ସୌମ୍ୟରଞ୍ଜନ ପଣ୍ଡା।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଜ୍ୟୋତିପୁର ଫିଡରକୁ ଲାଇନ ଦେବା ପାଇଁ ଶଟ୍ଡାଉନ ନେଇ କାମ କରୁଥିବା ବେଳେ ଲାଇନ କାହିଁକି କାଟିଛ କହି ଫୋନରେ ଗାଳି ଗୁଲଜ ଦେବା ପରେ ସମ୍ପୃକ୍ତ ୨ ଯୁବକ ବିଦ୍ୟୁତ୍ ଅଫିସକୁ ଯାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଉମେଶ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୫୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ

ବାସୁଦେବପୁର, ୨୯।୫(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବନ୍ୟା ପ୍ରଭାବିତ ଅଞ୍ଚଳରେ ଭାଜପାର ଏକ ପ୍ରତିନିଧି ଦଳ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛି। ପଦ୍ମପୁର ପଞ୍ଚାୟତର ସାନଅଗାପୁର, ବଡ଼ଅଗାପୁର, ଜଗନ୍ନାଥ ପ୍ରସାଦ ପଞ୍ଚାୟତର ମିଶ୍ରପୁର, ଦଧିବାମନପୁର, ଜୟକୃଷ୍ଣପୁର, ପାଟଣା ମିଶ୍ରପୁର, ଜଗନ୍ନାଥପୁର ପଞ୍ଚାୟତର ସାରଙ୍ଗପୁର, ଚନ୍ଦନପୁର ଆଦି ଅଞ୍ଚଳରେ ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ନେତୃତ୍ୱରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ପଦ୍ମପୁର ମଣ୍ଡଳ ସଭାପତି ମୁକ୍ତିକାନ୍ତ ଘଡ଼େଇ, ନଗର ଯୁବମୋର୍ଚ୍ଚା ସଭାପତି ତାଜୁ ଖାଁ, ରାଜେନ୍ଦ୍ର ବାରିକ, ସେକ୍ ରାଜୁ, ଗୌତମ ବିଶ୍ୱାଳ ପ୍ରମୁଖ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ରାଜ୍ୟ ସରକାର ଓ ପ୍ରଶାସନ ଜଳବନ୍ଦୀ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚି ନ ଥିବା କହି ଭାଜପା ଜିଲା ଉପସଭାପତି ଅସନ୍ତୋଷ ପ୍ରକାଶ କରିଥିଲେ।

### ଇନର ହୁଇଲ ପକ୍ଷରୁ ରିଲିଫ୍

ପଦ୍ମପୁର, ୨୯।୫(ଡି.ଏନ.ଏ.): ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତର ଆଦିବାସୀ ବସ୍ତିରେ ଶନିବାର ପୂର୍ବାହ୍ନରେ ଇନର ହୁଇଲ କ୍ଲବ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବାତ୍ୟା ପ୍ରଭାବିତ ୫୦ ପରିବାରକୁ ଚୁଡ଼ା, ମୁଢ଼ି, ବିସ୍କୁଟ, ଛତୁଆ, ମାସ୍କ ଓ ପାଣି ବୋତଲ ଯୋଗଇ ଦିଆଯାଇଛି। କ୍ଲବର ସଭାପତି ସ୍ନେହଲତା ବେହେରା, ସମ୍ପାଦିକା କାଦମ୍ବିନୀ ମହାନ୍ତି, ପ୍ରଣତୀ ମଲ୍ଲିକ, ରାଜକିଶୋର ଜେନା, ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସାବରଙ୍ଗ ଥାନାଧିକାରୀ ମନୋରମା ବାରିକ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

### ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ଖଇରା,୨୯।୫ (ଡି.ଏନ.ଏ.): ବାତ୍ୟା 'ୟାସ' ପ୍ରଭାବରେ ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଭୋକ ଉପାସରେ ଦିନ କାଟୁଥିବା ଗ୍ରାମବାସୀଙ୍କୁ ବିଜେଡିର ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ ଭେଟିଛନ୍ତି। ନିଜର ସମର୍ଥକଙ୍କ ସହ ଖଇରା ଓ ସିମୁଳିଆ ବ୍ଲକର ବିଭିନ୍ନ ଗ୍ରାମକୁ ଘର ଭାଙ୍ଗିଥିବା ବିପନ୍ନଙ୍କୁ ଭେଟିବା ସହ ଖାଦ୍ୟ ପୁଡିଆ ଏବଂ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ବଣ୍ଟନ କରୁଛନ୍ତି। ଶନିବାର ଅପରାହ୍ନରେ ସେ ମାଣିତ୍ରୀ ପଞ୍ଚାୟତ ଗସ୍ତ କରି ଖାଦ୍ୟ ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟରେ ତାଙ୍କୁ ଅକ୍ଷୟ୍ କୁମାର ଧିନ୍ଦା, ନକୁଳ ସାହୁ, ମହେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ତେବେ ପ୍ରଶାସନ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପହଞ୍ଚାଇବାକୁ ଦାବି କରିଛନ୍ତି।

# କମୁଛି ସୁବର୍ଣ୍ଣରେଖା ଜଳସ୍ତର

ଭୋଗରାଇ,୨୯।୫ (ଡି.ଏନ.ଏ.)

ସୁବର୍ଣ୍ଣରେଖା ଉପରମୁଣ୍ଡରେ ସାମୁଦ୍ରିକ ଝଡ଼ 'ୟାସ୍' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ନିମ୍ନଅବବାହିକାରେ ଶୁକ୍ରବାର ବନ୍ୟା ସ୍ଥିତି ଦେଖାଦେଇଥିଲା। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ଶୁକ୍ରବାର ମଧ୍ୟରାତ୍ରିରେ ଜଳସ୍ତର ବୃଦ୍ଧି ପାଇ ସତର୍କ ସୂଚନା ତଳେ ରହି ସ୍ଥିର ରହିବା ପରେ ଶନିବାର ଏହା ଧୀରେ ଧୀରେ କମିବାରେ ଲାଗିଛି। ତେବେ ଏହି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ସ୍ଥାନ ଗାଁ, ଚାଷଜମିରେ ପାଣି ପଶିଛି। ସୁବର୍ଣ୍ଣରେଖାରେ ବଡ଼ବନ୍ୟା ଆସୁଛି ବୋଲି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର ହେବାରୁ ନଦୀ ତଟବାସୀ ଭୟଭୀତ ହୋଇପଡ଼ିବା ସହ ବାତ୍ୟା ଆଶ୍ରୟସ୍ଥଳୀ ଓ ଉଚ୍ଚସ୍ଥାନକୁ ଉଠି ଯାଇଥିଲେ। ଝାଡ଼ଖଣ୍ଡ ମାଳ ଅଞ୍ଚଳରେ ବର୍ଷା ହେଉ ନ ଥିବାରୁ ଗାଲୁଡିହି ଜଳଧାର ଗେଟ୍ଗୁଡ଼ିକ ବନ୍ଦ କରାଯାଇଥିବା ବେଳେ ବଡ଼ ବନ୍ୟା ଆଶଙ୍କା ଟଳିବାରୁ ନଦୀ ତଟବାସୀ ଆଶ୍ୱସ୍ତ ହୋଇଛନ୍ତି।

ବାତ୍ୟା ପ୍ରଭାବରେ ବାଲେଶ୍ୱର ଉପକୂଳ ବ୍ୟାପକ କ୍ଷତି ହୋଇଥିବା ବେଳେ ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ସମୁଦ୍ରକୂଳିଆ ଗାଁ ଲୋକେ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ସମୁଦ୍ରର ୧୫ ଫୁଟ୍‌ର ଢ଼େଉ କୂଳ ଆଡ଼କୁ ମାଡ଼ିଆସି ଗାଁ, ଚିଙ୍ଗୁଡ଼ିଘେରି, ବନ୍ଧବାଡ଼ର ବହୁ କ୍ଷତି ଘଟାଇଥିବା ବେଳେ ଖାଲୁଆ ଅଞ୍ଚଳରେ ଏବେବି ଲୁଣାପାଣି ଜମି ରହିଛି। ଭୋଗରାଇର ପାହି ଅଞ୍ଚଳରେ ଲୁଣାପାଣି ନିଷ୍କାସନ ହୋଇପାରି ନାହିଁ। ସୁବର୍ଣ୍ଣରେଖାର ବନ୍ୟାଜଳ ଖାଲ ଓ ନାଳ ମଧ୍ୟରେ ପ୍ରବେଶ କରି ଜମିରେ ପନିପରିବା, ତୈଳବୀଜ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ନେତା ମନ୍ତ୍ରୀଙ୍କ ସହ ବିରୋଧୀ ଦଳର ନେତାମାନେ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଆସି କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି। କିଏ ମାସ୍କ, ଔଷଧ ଓ ଶୁଖିଲା ଖାଦ୍ୟ ବଣ୍ଟନ କରୁଥିବା ବେଳେ ଆଉ କିଏ ରନ୍ଧନ ଖାଦ୍ୟ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି।



## ତଳିଆ ଅଞ୍ଚଳ ଜଳମଗ୍ନ

ବାଲିଆପାଳ,୨୯।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟାଜଳ ଶନିବାର ତଳିଆ ଅଞ୍ଚଳରେ ଧୀରେ ଧୀରେ ପ୍ରବାହିତ ହେବାରେ ଲାଗିଛି। ଫଳରେ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ପନିପରିବା କ୍ଷତି ହେବା ଭୟରେ ଚାଷୀମାନେ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାତ୍ୟା ପ୍ରଭାବରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ଦେଖାଦେଇଥିଲା। ବାଲିଆପାଳ, ଗୁନାପୁର, ଆଠବାଟିଆ, କୁଦମାନସିଂ, ସୁଙ୍ଗମୁହଁ, ସାହାବନ୍ଦର, ନୟାବାଲି, ବିଷ୍ଣୁପୁର, ଇକଡ଼ପଲ୍, କୁହ୍ଲାଚଢ଼, ତଳପଦା, ଜାମକୁଣ୍ଡା, କଲାରୁଇ, ପଞ୍ଚରୁଖି, ଚରବସ୍ତକାଳରୁଇ, ଚୌଧୁରୀକୁଦ ଆଦି ଗ୍ରାମ ଜଳଘେରରେ ରହିଛି।

## ଚାଷଜମିରେ ଲହଡ଼ି ମାରୁଛି ବର୍ଷାଜଳ

ଯୋଡ଼ା/ ଚମ୍ପୁଆ/ଝୁମ୍ପୁରା– ୨୯।୫(ଡି.ଏନ.ଏ)

କେନ୍ଦୁଝର ଜିଲାରେ ବାତ୍ୟା 'ୟାସ'ର ପ୍ରଭାବରେ ଚମ୍ପୁଆରେ ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଉଜୁଡି ଯାଇଛି ଚାଷ। ଖରାଟିଆ ଧାନ ଚାଷ କରି ଚାଷୀର ଦୁଃଖ ବଢିଯାଇଛି। ଅନ୍ୟ ପକ୍ଷ୍ୟରେ ପରିବା କଥା କହିଲେ ନ ସରେ। ଏକର ଏକର ଜମିରେ ବାଇଗଣ, ଜହ୍ନି, କାକୁଡି, ଝୁଡଙ୍ଗ,ଭେଣ୍ଡି ଆଦି ଚାଷ ହୋଇଥିବାବେଳେ ବର୍ଷା ଜଳ ମାଡି ଯାଇଥିବାରୁ ଏହାସବୁ ନଷ୍ଟ ହୋଇଯାଇଛି। କୃଷି ଜିଲା ଚମ୍ପୁଆ ପକ୍ଷରୁ ମିଳିଥିବା ଅନୁଯାୟୀ ଚମ୍ପୁଆ ବ୍ଲକର ଜ୍ୟୋତିପୁର, ଜଜପଶି, କରିଆ, ଚମ୍ପୁଆ ଆଦି ୮ଟି ପଞ୍ଚାୟତର ୨୨ ଗୋଟି ଗ୍ରାମରେ ୧୪୨ ହେକ୍ଟର ଧାନ ଚାଷ ଓ ୧୦ ହେକ୍ଟର ଅଣଧାନ ଚାଷ ପାଣି ଘେରରେ ରହିଛି। ସେହିପରି ଯୋଡ଼ା ବ୍ଲକର ୫ ପଞ୍ଚାୟତର ୮ ଗ୍ରାମରେ ୫୫ ହେକ୍ଟର ଧାନ ଚାଷ ପାଣି ଘେରେରେ। ଏହି ପାଣି ଯଦି ୨ରୁ ୩ ଦିନ ମଧ୍ୟରେ ନ କମେ ତେବେ ଫସଲ ପଚିବାର ସମ୍ଭାବନା ରହିଛି। ଏନେଇ ଜିଲା କୃଷି ଅଧିକାରୀ ଟଙ୍କଧର ସାହୁ କହିଛନ୍ତି, ଚାଷ ଜମିରୁ ପାଣି କମିଲା ପରେ କ୍ଷୟକ୍ଷତିର ଆକଳନ କରାଯିବ।


ପାଣିରେ ପରିବା ଫସବୁଡ଼ି ରହିଛି।

## କ୍ଷୟକ୍ଷତି ଆକଳନରେ ବିଳମ୍ବ ନେଇ ଉଦ୍‌ବେଗ

ଖଇରା,୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ବ୍ଲକରେ ବାତ୍ୟା 'ୟାସ' ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଭାଜପାର ଏକ ଟିମ୍ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳ ବୁଲି ବିପନ୍ନଙ୍କୁ ଭେଟିଛନ୍ତି। ଏଥିସହ କ୍ଷୟକ୍ଷତି ଆକଳନରେ ଅହେତୁକ ବିଳମ୍ବକୁ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳଙ୍କୁ ଲେଖିଥିବା ପତ୍ରରେ ଖଇରା ବ୍ଲକର ସାନଜୟିପୁର, ଅନ୍ତରା, କୁପାରୀ, ବର୍ଣ୍ଣନା, ଖଇରା, ସାଉଁଣିଆ ଆଦି ରାଜସ୍ୱ କାର୍ଯ୍ୟାଳୟ ଗୁଡିକରେ ଦୀର୍ଘଦିନରୁ କର୍ମଚାରୀ ସମସ୍ୟା ଲାଗିରହିଛି। ସେହିଭଳି ସିମୁଳିଆରେ ମଧ୍ୟ ଅନେକ ରାଜସ୍ୱ କର୍ମଚାରୀ ପଦବୀ ଖାଲି ପଡିଛି। ବନ୍ୟାରେ ବହୁ ଲୋକଙ୍କ ଘର ନଷ୍ଟ ହୋଇଥିବାବେଳେ କ୍ଷତିକ୍ଷତି ଆକଳନରେ ରାଜସ୍ୱ କର୍ମଚାରୀଙ୍କ ସରଜମିନ ତଦନ୍ତ ଆବଶ୍ୟକ ଥିବାରୁ ବନ୍ୟାର ୫ଦିନ ପରେ ମଧ୍ୟ ବହୁ ବିପନ୍ନ ରାଜସ୍ୱ କର୍ମଚାରୀଙ୍କ ଆସିବା ବାଟକୁ ଚାହିଁ ବସିଛନ୍ତି। ଅନେକ ପରିବା ତଥା ମାଛ ଚାଷୀ କ୍ଷତି ସହିଥିବା ବେଳେ ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ମାନେ ସେମାନଙ୍କୁ ଭେଟି ନ ଥିବାର ଅଭିଯୋଗ କରିଛନ୍ତି। ସେହିଭଳି କାନ୍ଥପଡି ଡାଲଙ୍ଗରେ ମୃତ୍ୟୁ ବରଣ କରିଥିବା ଗିରିଧାରି ପାଢୀଙ୍କୁ ଆର୍ଥୀକ ସହାୟତା ଦେବାକୁ ସେ ଦାବି କରିଛନ୍ତି। ଠାକୁର ଦାସଙ୍କ ସହ ଭଦ୍ରକ ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଯୁବନେତା ଦିଲ୍ଲିପ ପାଣ୍ଡିଆ, ମନୋଜ ପତି, ଆଲୋକ ପଣ୍ଡା, ଅଜୟ ବେହେରା ପ୍ରମୁଖ ତାଙ୍କ ସହ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଗାଡ଼ି ଅଟକାଇ ସରପଞ୍ଚଙ୍କ ପ୍ରତିନିଧି ଗିରଫ

ବାଲିଆପାଳ,୨୯।୫(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକକୁ ବାତ୍ୟା 'ୟାସ୍'ର କ୍ଷୟକ୍ଷତି ଆକଳନ ପାଇଁ ଯାଇଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଗାଡ଼ି ଅଟକାଇ ଡଗରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଗିରଫ ହୋଇଛନ୍ତି। ଅନ୍ୟପକ୍ଷେ କୋଭିଡ୍ ନିୟମ ଉଲ୍ଲଘଂନ ଓ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ୨୦୪ ଗ୍ରାମବାସୀଙ୍କ ନାମରେ ବାଲିଆପାଳ ତହସିଲଦାର ଥାନାରେ ଏତଲା ଦେଇଛନ୍ତି। ଏନେଇ ବାଲିଆପାଳ ଥାନାରେ ଏକ ମାମଲା(ନଂ.୯୪/୨୧) ରୁଜୁ ହୋଇଛି। ଲୋକଙ୍କ ବିରୋଧ ଯୋଗୁ ଜିଲାପାଳ କ୍ଷୟକ୍ଷତି ଅନୁଧ୍ୟାନ କରି ନ ପାରି ଫେରି ଆସିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବାତ୍ୟା 'ୟାସ' କ୍ଷୟକ୍ଷତି ଓ ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ଅନୁଧ୍ୟାନ ଲାଗି ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ଚକ୍ରବର୍ତ୍ତୀ ବାଲିଆପାଳ ବ୍ଲକରେ ପହଞ୍ଚି ବିଡିଓ ଲଳିତ ସରେଙ୍ଗ, ତହସିଲଦାର ଦୀପକ ଦାସଙ୍କ ସହିତ ଆଲୋଚନା କରିଥିଲେ। ପରେ ପରୁଲିଆ ସ୍ଥିତ ସୁବର୍ଣ୍ଣରେଖା ନଦୀ ପୋଲ ଉପରକୁ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ ସହ କ୍ଷୟକ୍ଷତି ଆକଳନ ପାଇଁ ଚଉମୁଖ ଯାଇଥିଲେ। ବାତ୍ୟା ପରେ ପଲିଥିନ ଖଣ୍ଡେ ପାଇ ନ ଥିବା ଲୋକେ ଡଗରାଠାରେ ଜିଲାପାଳଙ୍କ ଗାଡ଼ି ଅଟକାଇ ହୋହଲ୍ଲା କରିଥିଲେ। ଦୁଇଦିନ ଭିତରେ ତଦନ୍ତ କରି ସ୍ୱେଶାଲ ପ୍ୟାକେଜ୍ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତବାସୀ ତାଙ୍କ ଗାଡ଼ି ଛାଡ଼ିଥିଲେ। ଜିଲାପାଳ ଫେରିବା ପରେ ବାଲିଆପାଳ ତହସିଲଦାର ସରକାରୀ କାର୍ଯ୍ୟରେ ବାଧା ଦେବା ଓ କୋଭିଡ୍ ନିୟମ ଉଲ୍ଲଂଘନ କରି ବହୁ ଲୋକ ଏକାଠି ହେବା ଆଦି ବିଭିନ୍ନ କାରଣ ନେଇ ଡଗରା ସରପଞ୍ଚ ଅବନ୍ତୀ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ସତ୍ୟାନନ୍ଦ ମହାନ୍ତି, ୱାର୍ଡମେମ୍ବର ପ୍ରମଥ ପାତ୍ର ଓ ତୀର୍ଥ ନାଗଙ୍କ ସମେତ ୨୦୪ ଜଣଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ସରପଞ୍ଚଙ୍କ ପ୍ରତିନିଧି ମହାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

### ନିନ୍ଦାକଲା ଭାଜପା

ବାଲେଶ୍ୱର ଅଫିସ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ଅଞ୍ଚଳର ବନ୍ୟା ପ୍ରପୀଡ଼ିତ ଲୋକମାନେ ବାଲିଆପାଳ ତହସିଲଦାରଙ୍କ ଡାକରା ଅନୁସାରେ ପଲିଥିନ୍ ଆଣିବା ଯାଇଥିଲେ। ଦିନସାରା ଅପେକ୍ଷା କରିବା ପରେ ମଧ୍ୟ ସେମାନଙ୍କୁ ପଲିଥିନ୍ ମିଳି ନ ଥିଲା। ସନ୍ଧ୍ୟା ସମୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉକ୍ତ ଅଞ୍ଚଳ ଗସ୍ତ କରୁଥିବା ସମୟରେ ତାଙ୍କ ଗାଡ଼ିକୁ ଅଟକାଇ ବିରୋଧ ପ୍ରଦର୍ଶନ କରିବା ସହ ତହସିଲଦାରଙ୍କ ଏତାଦୃଶ୍ୟ କାର୍ଯ୍ୟ ସମ୍ପର୍କରେ ଜଣାଇଥିଲେ। କିଛି ଲୋକ ସରପଞ୍ଚସହ ଆଲୋଚନା କରିଥିଲେ। ଦୁଇଦିନ ମଧ୍ୟରେ ଜିଲାପାଳ ସେମାନଙ୍କୁ ପଲିଥିନ୍ ଏବଂ ରିଲିଫ ସାମଗ୍ରୀ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶୁକ୍ରବାର ମଧ୍ୟରାତ୍ରିରେ ସରପଞ୍ଚଙ୍କ ପ୍ରତିନିଧି ତଥା ଭାଜପା କାଳିପଦା ମଣ୍ଡଳ ସଭାପତି ସତ୍ୟାନନ୍ଦ ମହାନ୍ତିଙ୍କୁ ତହସିଲଦାରଙ୍କ ଲିଖିତ ଅଭିଯୋଗ ଭିତ୍ତିରେ ପୋଲିସ ଗିରଫ କରିଛି। ଏହି ଘଟଣାକୁ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦୃଢ଼ ନିନ୍ଦା କରିଛନ୍ତି। ତୁରନ୍ତ ସତ୍ୟାନନ୍ଦଙ୍କ ଉପରୁ ସମସ୍ତ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରି ଖଲାସ କରା ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ସହାୟତା

ସଜନାଗଡ଼,୨୯।୫(ଡି.ଏନ.ଏ.)

ବାତ୍ୟା 'ୟାସ' ଯୋଗୁ ପାଣି ଘେରରେ ଥିବା ପରିବାରକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସହାୟତା ପ୍ରଦାନ କରିଛନ୍ତି। ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତର ତରତୁଆ ଗ୍ରାମକୁ କେନ୍ଦ୍ରମନ୍ତ୍ରୀ ଗସ୍ତ କରି ୧୦ରୁ ଅଧିକ ପରିବାର ପାଣି ଘେରରେ ରହିଥିବା ଦେଖିବାକୁ ପାଇଥିଲେ। ବିପନ୍ନ ପରିବାରଗୁଡ଼ିକୁ ସେ ପାଲ, ବେଡସିଟ୍, ଶୁଖିଲା ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରିଥିଲେ। ଖୁବଶୀଘ୍ର କ୍ଷତିଗ୍ରସ୍ତ ପରିବାରଙ୍କ ବାବଦରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଉକ୍ତ ଗାଁକୁ ଗମନାଗମନ ପାଇଁ ରାସ୍ତା ବ୍ୟବସ୍ଥା କରିବେ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ।

## ୫୦ ଫୁଟ ତଳକୁ ଖସିଲା ଆମ୍ବୁଲାନ୍ସ

କପ୍ତିପଦା/ ଠାକୁରମୁଣ୍ଡା, ୨୯।୫(ଡି.ଏନ.ଏ)

କପ୍ତିପଦା–ଠାକୁରମୁଣ୍ଡା ରାସ୍ତାର ଶରତ ୩ ନଂ. ଘାଟିରୁ ୫୦ ଫୁଟ ତଳକୁ ଏକ ୧୦୨ ଆମ୍ବୁଲାନ୍ସ ଖସି ପଡ଼ିଛି। ସେଥିରେ କେହି ରୋଗୀ ନ ଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆମ୍ବୁଲାନ୍ସଟି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କପ୍ତିପଦା ବ୍ଲକ୍ ଅଧୀନ ନଟୋ ଗ୍ରାମକୁ ଜଣେ ରୋଗୀଙ୍କୁ ନେବା ପାଇଁ ଆସୁଥିଲା। ଘାଟିରେ ଏକ ନଳକୂପ ମରାମତି ଗାଡ଼ି ରାସ୍ତା ନ ଛାଡ଼ିବାରୁ ତାକୁ ଅତିକ୍ରମ କରି ଆଗକୁ ଯିବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ଚେଷ୍ଟା କରୁଥିବା ବେଳେ ଏପରି ଦୁର୍ଘଟଣା ଘଟିଥିଲା ।

## ଯୋଡ଼ା ବନାଞ୍ଚଳରେ ଝାଡ଼ଖଣ୍ଡ ହାତୀ


ଯୋଡ଼ା ଅଞ୍ଚଳରେ ପ୍ରବେଶ କରିଥିବା ହାତୀପଲ।

ଯୋଡା,୨୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବନାଞ୍ଚଳରେ ୨୨ ହାତୀ ଥିବା ବନ ବିଭାଗ ପକ୍ଷରୁ ଜଣାପଡିଛି। ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା କହିଛନ୍ତି ଯେ, ଝାଡଖଣ୍ଡ ରାଜ୍ୟରୁ ୨୨ଗୋଟି ହାତୀ ଚମ୍ପୁଆ ଅତିକ୍ରମ କରି ଯୋଡ଼ା ବନାଞ୍ଚଳକୁ ପ୍ରବେଶ କରିଛନ୍ତି। ଏଥି ମଧ୍ୟରେ ୨ଟି ଦନ୍ତା, ୧୨ଟି ମାଈ ହାତୀ ସହ ୮ଟି ଛୁଆ ହାତୀ ଅଛନ୍ତି। ସେହିପରି ଖଣ୍ଡବନ୍ଧ ଜଙ୍ଗଲରେ ୬ଟି ହାତୀ ଅଛନ୍ତି। ଏହି ହାତୀମାନଙ୍କୁ ଜନବସତିଠାରୁ ଘଉଡ଼ାଇବା ପାଇଁ ୧୬ ଜଣ କର୍ମଚାରୀଙ୍କୁ ବନ ବିଭାଗ ପକ୍ଷରୁ ନିୟୋଜିତ କରାଯାଇଛି। ହାତୀଗୁଡିକ ଖରା ଦିନିଆ ଧାନ ଓ ବିଭିନ୍ନ ପରିବା ପତ୍ର ଲାଗିଥିବା ଚାଷ ଜମିରେ ପଶି ନଷ୍ଟ କରୁଛନ୍ତି।

## ତଦନ୍ତ ପାଇଁ ଯାଇଥିବା ପୋଲିସ ୬ଘଣ୍ଟା ଅଟକ

ଭୋଗରାଇ,୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ କୁମ୍ଭାରମୂଳୀ ଗ୍ରାମରେ ଶନିବାର ଦୁଇପକ୍ଷଙ୍କ ମଧ୍ୟରେ ଲାଗିରହିଥିବା ଜମିବାଡ଼ି ଗଣ୍ଡଗୋଳର ତଦନ୍ତ ପାଇଁ ଯାଇଥିବା ପୋଲିସ ଉତ୍ତେଜିତ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛି। ବିଳମ୍ବରେ ପହଞ୍ଚିବା କାରଣରୁ ଲୋକେ ପୋଲିସକୁ ୬ଘଣ୍ଟା ଧରି ଅଟକ ରଖିଥିଲେ। ଭୋଗରାଇ ଥାନାର ଜଣେ ଏଏସ୍ଆଇ, ଜଣେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଉତ୍ତେଜିତ ଗ୍ରାମବାସୀ ପୋଲିସକୁ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଟକ ରଖି ନ୍ୟାୟ ପାଇଁ ଅଡ଼ି ବସିଥିଲେ। ପରେ ଥାନାର ଅନ୍ୟ ଜଣେ ଏଏସ୍ଆଇ ଉତ୍କ୍ଷିପ୍ତ ଜନତାଙ୍କୁ ନ୍ୟାୟ ଦିଆଯିବ କହିବାରୁ ଲୋକଙ୍କ ଠାରୁ ପୋଲିସକୁ ମୁକୁଳାଇଥିଲେ।

## ମଦ ଦୋକାନ ସିଲ୍

କେନ୍ଦୁଝର, ୨୯।୫(ସ୍ୱ.ପ୍ର./ଡି.ଏନ.ଏ.)

କରୋନା ସମୟରେ ଲକଡାଉନ ଓ କୋଭିଡ ଆଇନର ଖିଲାପ କରି ନରଣପୁର ନିକଟରେ ଦୋକାନ ଖୋଲି ମଦ ବିକ୍ରି କରୁଥିବା ଏକ ବିଦେଶୀ ମଦ ଦୋକାନକୁ ଟାଉନ ପୋଲିସ ସିଲ କରିଛି। ବିନା ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା କରି ଲୋକ ମାନେ ଦୋକାନରୁ ମଦ କିଣୁଥିବା ଅଭିଯୋଗ ପରେ ଏଭଳି ପଦକ୍ଷେପ ନିଆଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ସରକାର ମଦ ବିକ୍ରି ପାଇଁ କଟକଣା ଲାଗୁ କରି କେବଳ ଅନଲାଇନରେ ମଦ ବିକିବା ପାଇଁ ଆଦେଶ କରିଥିଲେ ହେଁ କିଭଳି କାଉଣ୍ଟରରୁ ମଦ ବିକ୍ରି ହେଉଛି ବୋଲି ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏନେଇ ଜରିମାନା ଆଦାୟ ହେବ ବୋଲି ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି କହିଛନ୍ତି।


ମଦ ଦୋକାନରେ ଭିଡ ପରେ ସିଲ।

## କାଂଶବାଂଶ, ଗମେଇ ନଦୀରେ ବନ୍ୟା

ବାସୁଦେବପୁର,୨୯।୫ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ମଧ ଦେଇ ପ୍ରବାହିତ କାଂଶବାଂଶ ଓ ଗମେଇ ନଦୀର ଜଳସ୍ତର ଦୁଇଦିନ ଧରି ବଢ଼ିବାରେ ଲାଗିଛି। ଗମେଇରେ ବନ୍ୟା ଆସିବା ଫଳରେ ବାସୁଦେବପୁର ବ୍ଲକର ସୁଦର୍ଶନପୁର, ବରଣ୍ଡୁଆ, ନରସିଂହପୁର, ଅର୍ଜୁଁଆ, ଚୁଡ଼ାମଣି, ଶାଶୁଭୁଆଶୁଣୀ ଆଦି ପଞ୍ଚାୟତ ସମେତ ପୌରପାଳିକାର ବାଷଠୀ, ବଳିବିନ୍ଧା, ଗୁଆଗାଁ, ଭୈରବପୁର, ଗୋପାଳପୁର, ପଞ୍ଚୁରିଖି ଆଦି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। କାଂଶବାଂଶ ନଦୀରେ ଜଳସ୍ତର ବଢୁଥିବାରୁ ଜଗନ୍ନାଥପୁର ପଞ୍ଚାୟତର ଚନ୍ଦନପୁର, ସାରଙ୍ଗପୁର, ବଛଦା, ଜଗନ୍ନାଥପୁର ଆଦି ଗ୍ରାମ ସମେତ ପର୍ଡୁଁଆ ପଞ୍ଚାୟତର ବହୁ ଅଞ୍ଚଳ ଜଳଘେରରେ ରହିଛି। ପ୍ରକାଶ ଯେ, ସୋର, ସିମୁଳିଆ ଓ ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଞ୍ଚଳର ବଳକା ବର୍ଷା ପାଣି କାଂଶବାଂଶ ଓ ଗମେଇ ନଦୀ ଦେଇ ସିଧାସଳଖ ସମୁଦ୍ରକୁ ଯାଉଥିବା ବେଳେ ସମୁଦ୍ରର ଜଳସ୍ତର ଉଚ୍ଚ ଥିବାରୁ ଅଧିକରୁ ଅଧିକ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ବର୍ଷାପାଣି ଜମି ରହିବା ସହ ସମୁଦ୍ରର ମୁହାଣ ଖୋଲାଯାଇ ନ ଥିବାରୁ ନିଷ୍କାସନ ହେବାରେ ବିଳମ୍ବ ହେଉଛି। ଏହି ଦୁଇ ନଦୀ ପଠାରେ ମତ୍ସ୍ୟ ଚାଷୀମାନେ ଘେରି ପ୍ଲାଣ୍ଟ କରି ଚିଙ୍ଗୁଡ଼ି ଓ ମାଛ ଚାଷ କରିଛନ୍ତି। ମାଛ ପୋଖରୀଗୁଡ଼ିକ ବନ୍ୟାପାଣିରେ ବୁଡ଼ିଯିବାରୁ ସେମାନେ କ୍ଷତିରେ ପଡ଼ିଛନ୍ତି। ସେହିପରି ନଦୀ ସଂଲଗ୍ନ ଅଞ୍ଚଳରେ ଶତାଧିକ ହେକ୍ଟର ଜମିରେ ଫସଲ ସବୁ ପଚି ନଷ୍ଟ ହୋଇଯାଇଛି। ନଦୀ ସଂଲଗ୍ନ ଗ୍ରାମଗୁଡ଼ିକ ବର୍ତ୍ତମାନ ଜଳଘେରରେ ଥିବାବେଳେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ପାଣି ପଶିଯାଇଛି। ଗମେଇ ନଦୀ ନିକଟସ୍ଥ ଭୈରବପୁର ସ୍ଥିତ ଡମ୍ପିୟାର୍ଡ଼ରେ ୪ ଫୁଟ ଉପରେ ବର୍ଷା ଓ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ପୌରପାଳିକାର ଅଳିଆ ଆବର୍ଜନା ସେଠାକୁ ନିଆଯାଇପାରୁ ନାହିଁ। ତେବେ କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।


ଜଳଘେରରେ ଥିବା ଘର।

**ପାଣିଘେରରେ ବ୍ୟାପକ ଅଞ୍ଚଳ**

